# ଷୋଡ଼ଶ ଅଧ୍ୟାୟ

# ଜଳ

ଜୀବନ ଓ ଜଳର ସଂପର୍କ ନିବିଡ଼ । ବଞ୍ଚିବା ଓ ବଢ଼ିବା ପାଇଁ ଆମେ ଖାଦ୍ୟ ଖାଉ ଓ ଜଳ ପିଉ । ତେଣୁ ଜଳକୁ ଜୀବନ କୁହାଯାଏ । ଶିଶୁମାନେ କ୍ଷୀର ପିଅନ୍ତି । କ୍ଷୀରରେ ଜଳ ରହିଥାଏ । ବେଳେବେଳେ ପଇଡ଼ ପାଣି ମଧ୍ୟ ଆମେ ପିଉ । ଖରାଦିନେ କାକୁଡ଼ି ଓ ତରଭୂଜ ଆମେ ଅଧିକ ଖାଇଥାଉ କାହିଁକି ? ଖରାର ପ୍ରଭାବରେ ଆମ ଶରୀରରୁ ଜଳୀୟଅଂଶ କମିଯାଏ । ଏହି ଫଳଗୁଡ଼ିକରେ ଅଧିକ ପରିମାଣରେ ଜଳ ଥିବାରୁ ସେଗୁଡ଼ିକ ଖାଇଲେ ଶରୀରର ଜଳର ଅଭାବ ପୂରଣ ଶୀଘ୍ର ହୋଇପାରେ । ଅନ୍ୟାନ୍ୟ ପଶୁପକ୍ଷୀମାନେ ମଧ୍ୟ ଜଳ ପିଇଥାନ୍ତି ।

ଆମ ରକ୍ତରେ ଜଳ ମୁଖ୍ୟ ଉପାଦାନ ଅଟେ । ପ୍ରତ୍ୟେକ ଜୀବକୋଷର ଅଧାରୁ ଅଧିକ ଜଳ ରହିବା ଯୋଗୁଁ ସେଗୁଡ଼ିକ କାର୍ଯ୍ୟକ୍ଷମ ରହନ୍ତି । ଅନେକ ଅଦରକାରୀ ପଦାର୍ଥ ଜଳରେ ଦ୍ରବୀଭୂତ ହୋଇ ମୂତ୍ର ଓ ଝାଳ ଆକାରରେ ଆମ ଶରୀରରୁ ବାହାରିଯାଏ । କେବଳ ଯେ ପିଇବା ପାଇଁ ଜଳ ବ୍ୟବହାର ହୁଏ, ତା' ନୁହେଁ, ଆମର ବିଭିନ୍ନ କାର୍ଯ୍ୟପାଇଁ ଜଳ ଆବଶ୍ୟକ । ଯଦି ଆମ ଚାରିପାଖରେ ଜଳର ପରିମାଣ କମିଯିବ ଆମର କ'ଣ କ'ଣ ଅସୁବିଧା ହେବ ? ଜଳକୁ ତୁମେମାନେ କେଉଁ କେଉଁ କାର୍ଯ୍ୟରେ ବ୍ୟବହାର କରୁଛ ତାହାର ଗୋଟିଏ ତାଲିକା କର ।



ଚିତ୍ର 16.1 କୂପ ଜଳର ବିଭିନ୍ନ ବ୍ୟବହାର

## 16.1 ଜଳର ଆବଶ୍ୟକତା

ତୁମ ପରିବାରରେ ଦୈନନ୍ଦିନ କେତେ ପରିମାଣର ଜଳ ବ୍ୟବହୃତ ହୁଏ,ତାହାର ଆନୁମାନିକ ହିସାବ କରି ନିମ୍ନ ସାରଣୀରେ ଲେଖ । ତୁମେ ଏହି ପରିମାଣକୁ ଆନୁମାନିକ କେତେ ଗ୍ଲାସ, ମଗ୍ କିମ୍ବା ବାଲ୍‌ଟିରେ ପ୍ରକାଶ କରିପାର ।

**ସାରଣୀ ୧୬.୧ ଦୈନନ୍ଦିନ କାମରେ ବ୍ୟବହାର ପାଇଁ ଆବଶ୍ୟକ ଜଳର ଆନୁମାନିକ ହିସାବ**

| କାର୍ଯ୍ୟ | ତୁମେ ନିଜେ ଆବଶ୍ୟକ କରୁଥିବା ଜଳର ପରିମାଣ | ତୁମ ପରିବାରର ସମସ୍ତେ ଆବଶ୍ୟକ କରୁଥିବା ଜଳର ପରିମାଣ |
|---|---|---|
| ପିଇବା | | |
| ମୁହଁ ଧୋଇବା | | |
| ଦାନ୍ତ ଘଷିବା | | |
| ଶୌଚ ହେବା | | |
| ଗାଧୋଇବା | | |

| | | |
|---|---|---|
| ରୋଷେଇ କରିବା | | |
| ବାସନ ଧୋଇବା | | |
| ଲୁଗା ସଫାକରିବା | | |
| ଘର ସଫାକରିବା | | |
| ଗଛରେ ପାଣି ଦେବା | | |
| ଅନ୍ୟାନ୍ୟ କାର୍ଯ୍ୟ | | |
| ମୋଟ ପରିମାଣ | | |

ଉପରେ ବର୍ଣ୍ଣିତ ତାଲିକାରୁ ଆମେ ଆମ ପରିବାର ପାଇଁ ଦୈନିକ କେତେ ଜଳ ବ୍ୟବହାର କରୁ ଜାଣିପାରିଲୁ । ଅନୁମାନ କରି ମଗ୍, ବାଲ୍‌ଟି ବଦଳରେ ତାହାକୁ ଆନୁମାନିକ କେତେ ଲିଟରରେ ପ୍ରକାଶ କରିପାରିବା । ଅନୁମାନ କର, ତୁମେ ପିଇବାକୁ ବର୍ଷକ ମଧ୍ୟରେ ପ୍ରାୟତଃ କେତେ ଜଳ ଦରକାର କରୁଛ । ତୁମ ପରିବାର ଭଳି ତୁମ ସାହିରେ କେତେ ପରିବାର ଅଛି ? ସେମାନଙ୍କର ଲୋକସଂଖ୍ୟା ପ୍ରାୟ କେତେ ? ତୁମର ଦୈନିକ ଆବଶ୍ୟକତା ଜାଣିଲା ପରେ, ସାହିର ସମସ୍ତଙ୍କ ପାଇଁ ବାର୍ଷିକ କେତେଜଳ ଦରକାର ପଡୁଛି ତାହା ତୁମେ ଅନୁମାନ କରିପାରିବ ।

ମନୁଷ୍ୟ ଭଳି ଅନ୍ୟ ପ୍ରାଣୀମାନେ ମଧ୍ୟ ଜଳ ଆବଶ୍ୟକ କରନ୍ତି । କୁକୁର, ଗାଈ, କୁକୁଡ଼ା, ଛେଳି ଆଦି ପ୍ରାଣୀମାନଙ୍କର



ଚିତ୍ର 16.2 ଜଳରେ ଥିବା ଉଦ୍ଭିଦ ଓ ପ୍ରାଣୀ

ମଧ୍ୟ ଜଳ ଏକ ପାନୀୟ ପଦାର୍ଥ । ଜଳରେ ମାଛ, କଇଁଚ ଆଦି ପ୍ରାଣୀ ଓ ପଦ୍ମଭଳି ଉଦ୍ଭିଦ ମଧ୍ୟ ଥାଆନ୍ତି । ସେପରି ବଗିଚାରେ ଫୁଲ ଗଛରେ ଆମେ ପାଣି ଦେଉ ।

### ଉଦ୍ଭିଦ ପାଇଁ ଜଳର ଆବଶ୍ୟକତା

ଖାଦ୍ୟ ପ୍ରସ୍ତୁତି ପାଇଁ ଉଦ୍ଭିଦର ଜଳ ନିହାତି ଆବଶ୍ୟକ ଅଙ୍ଗାରକାମ୍ଳ ଓ ଜଳର ସଂଯୋଗରେ ହିଁ ଶର୍କରା ସୃଷ୍ଟି ହୁଏ । ମାଟିରେ ଅଣୁଜୀବମାନେ ବଢ଼ିଥାଆନ୍ତି । ଯବକ୍ଷାରଜାନକୁ ମାଟିରେ ମିଶାଇବା ପାଇଁ ସାହାଯ୍ୟ କରୁଥିବା ବୀଜାଣୁ ମଧ୍ୟ ଜଳ ଆବଶ୍ୟକ କରିଥାନ୍ତି । ଜଳ ଏକ ଦ୍ରାବକ । ତେଣୁ ମାଟିର ଲବଣକୁ ଏହା ଦ୍ରବୀଭୂତ କରିଥାଏ । ଭିନ୍ନ ଭିନ୍ନ ମାଟିର ଜଳ ଧାରଣ କରିବା କ୍ଷମତାରେ ପାର୍ଥକ୍ୟ ଥାଏ । ତେଣୁ ମାଟିର କିସମକୁ ନେଇ ବିଭିନ୍ନ ପ୍ରକାର ଫସଲ ଚାଷ କରାଯାଏ । ଆସ ପରୀକ୍ଷା କରି ଦେଖିବା ।

### (କ) ମାଟିର ଜଳଧାରଣ

**ତୁମ ପାଇଁ କାମ : ୧**

କେଉଁ ମାଟିରେ ଜଳ ଧାରଣ କ୍ଷମତା କେତେ ତାହା ଜାଣିବା ଆବଶ୍ୟକ । ବାଲିଆ, ଦୋରସା, ଚିକିଟା ଏହିଭଳି ତିନିପ୍ରକାର ମାଟିର ନମୁନା ସଂଗ୍ରହ କର । ତିନୋଟି ପ୍ଲାଷ୍ଟିକ୍

ବୋତଲ ନିଅ । ତଳ ଚିତ୍ରରେ ଦେଖାଯାଇଥିବା ଭଳି ତା’ର ଉପର ଅଂଶଟିକୁ କାଟିଦିଅ । ତାହା ଏକ ଫନେଲ୍ ଭଳି କାର୍ଯ୍ୟ କରିବ ।



ଚିତ୍ର 16.3 ମାଟିର ଜଳଧାରଣ କ୍ଷମତା ପରୀକ୍ଷଣର ପ୍ରସ୍ତୁତି

ତଳଅଂଶଟି ଏକ ପାତ୍ର ଭଳି କାର୍ଯ୍ୟ କରିବ । ବୋତଲର ଉପର ଅଂଶକୁ ତଳ ଅଂଶ ଉପରେ ଓଲଟାଇ ରଖ । ଫନେଲ୍ ତିନୋଟି ଭିତରେ ତିନିଖଣ୍ଡ କନା ବିଛାଇ ଦିଅ । ପ୍ରତ୍ୟେକରେ ସମାନ ସମାନ ପରିମାଣର ଭିନ୍ନ ଭିନ୍ନ ମାଟି ନିଅ ଓ ଏଥିରେ ସମାନ ସମାନ ପରିମାଣର ଜଳ ଢ଼ାଳ । ଦଶ ପନ୍ଦର ମିନିଟ୍ ପରେ ଦେଖ । କେଉଁ ପାତ୍ରରେ ଅଧିକ ଜଳ ସଂଗୃହୀତ ହୋଇଛି । କେଉଁ ପାତ୍ରରେ ସବୁଠାରୁ କମ୍ ଜଳ ସଂଗୃହୀତ ହୋଇଛି । ତୁମେ କୁହ, କେଉଁ ପ୍ରକାର ମାଟି ଅଧିକ ଜଳ ଧରି ରଖିପାରୁଛି । କେଉଁ ପ୍ରକାର ମାଟିର ଜଳ ଧରି ରଖିବାର କ୍ଷମତା ସବୁଠାରୁ କମ୍ ।

### (ଖ) ଚେର ଦ୍ୱାରା ଜଳ ଶୋଷଣ

ମାଟିରେଥିବା ଲବଣ ଜଳରେ ଦ୍ରବୀଭୂତ ହେବା ଦ୍ୱାରା ଯେଉଁ ଦ୍ରବଣ ତିଆରି ହୁଏ ସେଇ ଦ୍ରବଣକୁ ଚେର ଶୋଷଣ କରିଥାଏ ।

**ତୁମ ପାଇଁ କାମ : ୨**

ଚେରଥିବା ଗୋଟିଏ ହରଗୌରା ଗଛ ସଂଗ୍ରହ କର । ଚେରରେ ଲାଗିଥିବା ମାଟିକୁ ଧୋଇ ସଫାକର । ଗୋଟିଏ କାଚଗିଲାସ ନେଇ ସେଥିରେ ଜଳ ନିଅ । ଏହି ଜଳରେ ଦୁଇଟୋପା ଅଳତା ମିଶାଅ । ଜଳ ନାଲି ରଙ୍ଗର ହୋଇଯିବ ।




ଚିତ୍ର 16.4 ଚେରଦ୍ୱାରା ଜଳ ଶୋଷଣ ପରୀକ୍ଷଣ

ଏହି ରଙ୍ଗିନ ଜଳ ମଧ୍ୟରେ ହରଗୌରା ଗଛର ଚେର ବୁଡାଇ ରଖ । ଲକ୍ଷ୍ୟକର କ’ଣ ପରିବର୍ତ୍ତନ ହୋଇଛି । କିଛି ସମୟ ବ୍ୟବଧାନ ପରେ ଲାଲ ଜଳ ଚେରରୁ କାଣ୍ଡ ଦେଇ ପତ୍ରକୁ ଉଠିବ । କାରଣ ଗଛର ଚେର ଏହି ଜଳ ଶୋଷଣ କରୁଛି ।

### ଗ) ପତ୍ରରୁ ଜଳମୋଚନ

**ତୁମ ପାଇଁ କାମ : ୩**

ଦୁଇଟି ପଲିଥିନ୍ ମୁଣି ନିଅ । ବଗିଚରେ ଥିବା ଗଛର ଡାଳକୁ (ପତ୍ରସହ) ଏହି ପଲିଥିନ୍ ମୁଣି ଭିତରେ ପୁରାଇ ସୂତା ସାହାଯ୍ୟରେ ବାନ୍ଧି ଦିଅ । ୧୫ ମିନିଟ୍ପରେ ପର୍ଯ୍ୟବେକ୍ଷଣ କର ।




ଚିତ୍ର 16.5 ଉଦ୍ଭିଦର ଜଳ ମୋଚନ

କ’ଣ ଦେଖିବାକୁ ମିଳିବ ? ପଲିଥିନ୍ ଖୋଳର ଭିତର ପଟରେ କିଛି ଜଳବିନ୍ଦୁ ଲାଗିଛି । ଏହି ଜଳ ଗଛର ପତ୍ର ଦେଇ ବାଷ୍ପ ଆକାରରେ ବାହାରୁଛି ଓ ପଲିଥିନ୍ରେ ଜମାହୋଇଛି । ଏହାକୁ ପତ୍ରର **ଜଳମୋଚନ ବା ଉସ୍ୱେଦନ** କୁହାଯାଏ । ଉପରୋକ୍ତ ପରୀକ୍ଷା ଗୁଡ଼ିକରୁ ଆମେ ଜାଣିଲୁ ଯେ, ମାଟିରେ ଥିବା ଜଳକୁ ଗଛ ଚେର ସାହାଯ୍ୟରେ ଶୋଷଣ କରିଥାଏ । ଏହି ଜଳକୁ ବ୍ୟବହାର କରି ଶ୍ୱେତସାର ପ୍ରସ୍ତୁତ କରେ । ଶେଷରେ ଜଳର କିଛି ଅଂଶକୁ ବାଷ୍ପ ଆକାରରେ ବାୟୁମଣ୍ଡଳକୁ ଛାଡ଼ିଥାଏ ।

## 16.2 ବନ୍ୟା

ଜଳର ଉତ୍ସ ଯଥା ନଦୀ, ପୋଖରୀ, କୂଅଗୁଡ଼ିକରେ ବର୍ଷାଦିନରେ ଜଳର ପରିମାଣ ଅଧିକ ହୁଏ । କ୍ରମାଗତଭାବେ ଅଧିକ ବର୍ଷା ଲାଗି ରହିଲେ ନଦୀରେ ଅଧିକ ଜଳ ଆସିଥାଏ । ତୁମ ଗ୍ରାମ/ସହର ନିକଟରେ ନଦୀ ଥିଲେ ଦେଖିଥିବ, ଅଧିକ ବର୍ଷାହେବା ଫଳରେ ନଦୀଜଳ କୂଳ ଲଂଘନ କରି ଦୁଇପଟେ ମାଡ଼ିଯାଏ । ଗ୍ରାମ, କୃଷି କ୍ଷେତ୍ରରେ ଜଳ ପଶିଯାଏ । ଏହାକୁ ଆମେ ବନ୍ୟା କହୁ । ବନ୍ୟା ଦ୍ୱାରା ଜଳ ସ୍ରୋତରେ ଗାଈ, ଛେଳି ଆଦି ଓ ମଣିଷ ମଧ୍ୟ ଭାସିଯାଆନ୍ତି । ଆମ ରାଜ୍ୟରେ ବନ୍ୟା ଏକ ମୁଖ୍ୟ ପ୍ରାକୃତିକ ବିପର୍ଯ୍ୟୟ । ମହାନଦୀରେ ବନ୍ୟାଜଳକୁ



ଚିତ୍ର 16.6 ବନ୍ୟାଜଳ

ରୋକିବାପାଇଁ ହୀରାକୁଦଠାରେ ବନ୍ଧ କରାଯାଇଅଛି। ଏହି ନଦୀବନ୍ଧରୁ ଅଧିକ ପରିମାଣର ଜଳ ହଠାତ୍ ଏକକାଳୀନ ଛାଡ଼ିଲେ, ତଳମୁଣ୍ଡରେ ବନ୍ୟା ହୋଇଥାଏ। ବନ୍ୟା ପୂର୍ବରୁ ଓ ବନ୍ୟା ସମୟରେ ତୁମେ କି ପ୍ରକାର ସତର୍କତା ଅବଲମ୍ବନ କରିବ ତାହାର ଆବଶ୍ୟକୀୟ ସୂଚନା ରେଡ଼ିଓ, ଟେଲିଭିଜନ ଆଦି ମାଧ୍ୟମରେ ଦିଆଯାଏ।

## 16.3 ମରୁଡ଼ି

ଆବଶ୍ୟକ ବୃଷ୍ଟିପାତ ପରିମାଣ କମିଯିବା ଫଳରେ କ'ଣ ହେବ ? କ୍ରମାଗତଭାବେ ଅନିୟମିତ ଓ ଅନିଶ୍ଚିତ ବୃଷ୍ଟିପାତ ଫଳରେ କୃଷିକାର୍ଯ୍ୟ ପାଇଁ ଆବଶ୍ୟକ ପରିମାଣର ଜଳର ଅଭାବ ହୋଇଥାଏ। ଗଛଗୁଡ଼ିକ ଆବଶ୍ୟକ ପରିମାଣର ଜଳ ପାଆନ୍ତି ନାହିଁ । କ୍ରମାଗତଭାବେ ବହୁଦିନ ଧରି ଆମ ଦେଶରେ ବର୍ଷା ନ ହେଲେ ଜଳର ଘୋର ଅଭାବ ଦେଖାଯାଏ । ଏହାକୁ **ମରୁଡ଼ି** କୁହାଯାଏ । ଫଳରେ ପଶୁପକ୍ଷୀ ମଧ୍ୟ ଜଳବିନା ମରିଯାଆନ୍ତି।

**ଜଳ ବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟିନାଶ**

## 16.4 ଜଳ ସଂରକ୍ଷଣ

ଦିନକୁ ଦିନ ଜଳର ବ୍ୟବହାର ବଢ଼ି ଚାଲିଛି। ସାଧାରଣ ଭାବରେ ମନୁଷ୍ୟ ତା'ର ଦୈନନ୍ଦିନ ଜୀବନରେ ଯାହା ଜଳ ବ୍ୟବହାର କରୁଛି ତାହାର ପରିମାଣ ଅତିକମ୍ ହୋଇଥିଲେ ମଧ୍ୟ କୃଷି ଓ ଶିଳ୍ପ କ୍ଷେତ୍ରରେ ଅଧିକ ଜଳର ଆବଶ୍ୟକତା ରହିଛି। ସମୁଦ୍ର ଜଳ ଏଥିପାଇଁ ଅନୁପଯୁକ୍ତ ହୋଇଥିବାରୁ ବର୍ଷାଜଳ ଓ ଭୂତଳ ଜଳର ସଂରକ୍ଷଣ ନିହାତି ଆବଶ୍ୟକ ହୋଇପଡ଼ିଛି। ଭବିଷ୍ୟତରେ ଜଳର ଆବଶ୍ୟକତା ଆହୁରି ଅଧିକ ହେବ, କାରଣ ଆମ ଜନସଂଖ୍ୟା ବଢ଼ି ଚାଲିଛି ଓ ଆମର ଆବଶ୍ୟକତା ମେଣ୍ଟାଇବା ପାଇଁ ଅଧିକ କଳକାରଖାନା ସ୍ଥାପନ କରିବାକୁ ହେବ। ତେଣୁ ଜଳାଭାବ ଦୂର କରିବା ପାଇଁ ଆମେ ଜଳ ସଂରକ୍ଷଣ କରିବା ଉଚିତ। ସେଥିପାଇଁ ନିମ୍ନ ବିଷୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ।



ଚିତ୍ର 16.7 ବର୍ଷାଜଳ ଅମଳ

- ଜଳକୁ ଅଯଥା ଅଧିକ ବ୍ୟବହାର କରିବା ଓ ନଷ୍ଟ କରିବା ନାହିଁ।
- ବ୍ୟବହାର ନକରିବା ବେଳେ ପାଣିଟ୍ୟାପ୍‌କୁ ସର୍ବଦା ବନ୍ଦ ରଖିବା।
- ଜଳ ଉତ୍ସଗୁଡ଼ିକର ପ୍ରଦୂଷଣ କମାଇବା ପାଇଁ ଯତ୍ନନେବା।
- ବର୍ଷାଜଳକୁ ଗ୍ରାମାଞ୍ଚଳରେ ଛୋଟ ଜଳଭଣ୍ଡାରରେ ସାଇତି ରଖିବା।
- ସହରାଞ୍ଚଳର ଛାତରେ ପଡୁଥିବା ବର୍ଷାଜଳ ଅମଳ କରିବା ଅର୍ଥାତ୍ ଏହାକୁ ବୋହି ଯିବାକୁ ନଦେଇ ଗର୍ତ୍ତ ଖନନ କରି ସେଥିରେ ସଂଗ୍ରହ କରିବା।



**କ'ଣ ଶିଖିଲେ:**

- ଜଳ ବିନା ପ୍ରାଣୀ ଓ ଉଦ୍ଭିଦ ବଞ୍ଚିବା ସମ୍ଭବ ନୁହେଁ।
- ଜଳର କେତେକ ଉତ୍ସ ହେଉଛି ନଳକୂପ, କୂପ, ପୋଖରୀ, ଝରଣା, ନଦୀ ଓ ହ୍ରଦ ଇତ୍ୟାଦି।
- ଜଳ ବହୁଳେ ବନ୍ୟା ଓ ଜଳ ବିହୁନେ ମରୁଡ଼ି।
- ଜଳର ଆବଶ୍ୟକତା ବଢ଼ି ଚାଲିଛି। ତେଣୁ ଜଳର ସଦ୍‌ବ୍ୟବହାର କରିବା ଉଚିତ୍।

## ଅଭ୍ୟାସ

୧. ପୃଥିବୀ ପୃଷ୍ଠର ଦୁଇ ତୃତୀୟାଂଶରେ ଜଳ ରହିଥିଲେ ମଧ୍ୟ ଜଳ ସଂରକ୍ଷଣର ଆବଶ୍ୟକତା ଅଛି । କାରଣ ଦର୍ଶାଅ ।

୨. ପ୍ରଥମ ଶବ୍ଦଦ୍ୱୟର ସଂପର୍କକୁ ଦେଖି ତୃତୀୟ ଶବ୍ଦ ସହ ସଂପର୍କିତ ଶବ୍ଦଲେଖ ।

| | | | | |
|---|---|---|---|---|
| ଅଧିକବୃଷ୍ଟି | : ବନ୍ୟା | ଅନାବୃଷ୍ଟି | : | ____________ |
| ପୋଖରୀ | : ମଧୁର | ସମୁଦ୍ର | : | ____________ |
| ଜଳ ଶୋଷଣ | : ଚେର | ଜଳମୋଚନ | : | ____________ |
| ଜଳଚର ପ୍ରାଣୀ | : ମାଛ | ଜଳଜ ଉଦ୍ଭିଦ | : | ____________ |

୩. ଜଙ୍ଗଲ କାଟି ଦେବା ଦ୍ୱାରା ବୃଷ୍ଟି ପରିମାଣ କମି ଯାଉଛି ବୋଲି କାହିଁକି କୁହାଯାଉଛି ?

୪. କି କି ପଦକ୍ଷେପ ନେଲେ ମରୁଡ଼ିର ସମ୍ଭାବନା କମିଯିବ ?

୫. ଜଳର ଅପବ୍ୟୟ କମାଇବା ପାଇଁ ତିନୋଟି ଉପାୟ ଲେଖ ।



### ଘରେ କରିବା ପାଇଁ କାମ

- ତୁମ ଅଞ୍ଚଳରେ ଥିବା ଜଳର ଉତ୍ସଗୁଡ଼ିକର ନାମ ଲେଖ । ସେଗୁଡ଼ିକରେ ଗ୍ରୀଷ୍ମଋତୁରେ କିପରି ଜଳ ରହିବ ତାହାର ଏକ ପ୍ରକଳ୍ପ ପ୍ରସ୍ତୁତ କର ।



ଜଳଚକ୍ର